# ODM PUBLIC SCHOOL

**CLASS :3**
**SUBJECT : ODIA**
**CHAPTER NUMBER: 07**
**CHAPTER NAME : ଆସ ବୁଲିଯିବା ଭଟ୍ଟାରିକା**
**SUBTOPIC : ପାଠର ପୁନରାବୃତ୍ତି ଓ ଅଭ୍ୟାସ-୧,୨ ଓ ୩**

# ଆସ ବୁଲିଯିବା ଭଟ୍ଟାରିକା

ODM EDUCATIONAL GROUP
Changing your Tommorrow



ODM
EDUCATIONAL GROUP
Changing your Tomorrow





ODM
EDUCATIONAL GROUP
Changing your Tomorrow

ପାଠ - ୭

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କ[illegible] ଦୁଷ୍ମନ୍ତ

ODM EDUCATIONAL GROUP
Changing your Tommorrow





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ ।"

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଅନ୍ତାକ୍ଷରୀ କଲେ । ପଦ୍ୟାନ୍ତ ଓ ଅନ୍ତାକ୍ଷରୀ ଭିତରେ ଗାଡ଼ି ଉଟାରିକାରେ ପହଂଚିଗଲା ।

## ଅଭ୍ୟାସ -୧ ଗପରୁ କୁହ ।

କ –ଆଠଗଡ ପାଖରେ କେଉଁ ମନ୍ଦିର ଅଛି ?

ଖ –ଗାଡିଟି କାହିଁକି ଗାଁ ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ?

ଗ –ଜେଜେଙ୍କ ପାଖରେ ବସିବା ପାଇଁ ପିଲାମାନେ ଜିଦ କଲେକାହିଁକି ?

ଘ –ଗାଡିରୁ ଓହ୍ଲାଇବା ପରେ ପିଲାମାନେ କଣ କରିଥିବେ ?

ଅଭ୍ୟାସ -୨ ପାଠରେ ଥିବା ଟ୍ଟ,ନ୍ତ,ନ୍ଥ ଲାଗିଥିବା ଶବ୍ଦ ଗୁଡିକୁ ଠିକ ଉଚ୍ଚାରଣ କରି ପଢ ଓ ଲେଖ ?

ଟ୍ଟ - --------,----------,-----------,

ନ୍ତ – --------, ----------, ----------

ନ୍ଥ ----------, ---------, ---------

ଅଭ୍ୟାସ ୩ –ତଳେ ଦିଆଯାଇଥିବା ଅକ୍ଷର ଗୁଡିକ ସହ ନ୍ଥ ଯୁକ୍ତାକ୍ଷର ଲଗାଇ

ପଢ ଓ ନୂଆ ଶବ୍ଦଟିକୁ ଲେଖ ।

ODM EDUCATIONAL GROUP
Changing your Tomorrow

କା ------ ,ପା ---------, ସ -------, ମ ------

# ଅଭ୍ୟାସ -୧ ଗପରୁ କୁହ ।

କ –ଆଠଗଡ ପାଖରେ କେଉଁ ମନ୍ଦିର ଅଛି ?

ଉ - ଆଠଗଡ ପାଖରେ ଭଟ୍ଟାରିକା ଠାକୁରାଣୀଙ୍କର ମନ୍ଦିର ଅଛି

ଖ –ଗାଡିଟି କାହିଁକି ଗାଁ ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ?

ଉ –ଗାଁର ରାସ୍ତା ଅଣ ଓସାରିଆ ଓ ଜନଗହଳି ଯୋଗୁଁ ଗାଡିଟି ଗାଁ ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ।

ଗ –ଜେଜେଙ୍କ ପାଖରେ ବସିବା ପାଇଁ ପିଲାମାନେ ଜିଦ କଲେକାହିଁକି ?

ଉ – ଜେଜେଙ୍କ ଠାରୁ ଗପ ଶୁଣିବ ଲାଗି ପିଲାମାନେ ଜେଜେଙ୍କ ପାଖରେ ବସିବା ପାଇଁ ଜିଦ କଲେ ।

ଘ –ଗାଡିରୁ ଓହ୍ଲାଇବା ପରେ ପିଲାମାନେ କଣ କରିଥିବେ ?

ଉ –ଗାଡିରୁ ଓହ୍ଲାଇବା ପରେ ପିଲାମାନେ ଜେଜେଙ୍କ ସହିତ ଆନନ୍ଦ ମନରେ
ଭଟ୍ଟାରିକା ବୁଲିଥିବେ ।

ODM EDUCATIONAL GROUP
Changing your Tomorrow

ଅଭ୍ୟାସ -୨ ପାଠରେ ଥିବା ଟ୍ଟ,ନ୍ତ,ନ୍ଥ ଲାଗିଥିବା ଶବ୍ଦ ଗୁଡିକୁ ଠିକ ଉଚ୍ଚାରଣ କରି ପଢ ଓ ଲେଖ ?

ଟ୍ଟ - ଭଟ୍ଟାରିକା ,ଅଟ୍ଟାଳିକା ,ଥଟ୍ଟାତାମସା

ନ୍ତ – ଦୁଷ୍ମନ୍ତ , ପାଆନ୍ତି ,ଶାନ୍ତି ,କିନ୍ତୁ ,ବାନ୍ତି ,ପର୍ଯ୍ୟାନ୍ତ

ନ୍ଥ - ଗ୍ରନ୍ଥ , କାନ୍ଥ ,ମନ୍ଥର

ଅଭ୍ୟାସ ୩ –ତଳେ ଦିଆଯାଇଥିବା ଅକ୍ଷର ଗୁଡିକ ସହ ନ୍ଥ ଯୁକ୍ତାକ୍ଷର ଲଗାଇ ପଢ ଓ ନୂଆ ଶବ୍ଦଟିକୁ ଲେଖ ।

କା ନ୍ଥ ,ପା ନ୍ଥ , ସ ନ୍ଥ , ମ ନ୍ଥ

ODM EDUCATIONAL GROUP
Changing your Tommorow

# ନିମ୍ନ ଲିଖିତ ଯୁକ୍ତାକ୍ଷର ଶବ୍ଦ ଗୁଡିକୁ ଠିକ ଉଚ୍ଚାରଣ କରି ପଢ଼ ।

ଟ୍ଟ - ଭଟ୍ଟାରିକା ,ଅଟ୍ଟାଳିକା ,ଅଟ୍ଟାଭାମସା,ପଟ୍ଟଶିଷ୍ୟ
ନ୍ତ – ଦୁଷ୍ମନ୍ତ , ପାଆନ୍ତି ,ଶାନ୍ତି ,କିନ୍ତୁ ,ବାନ୍ତି , ପଦ୍ୟାନ୍ତ
ନ୍ଥ - ଗ୍ରନ୍ଥ , କାନ୍ଥ ,ମନ୍ଥର , ପାନ୍ଥ , ସନ୍ଥ ,ପେନ୍ଥା
ଙ୍କ –ମାଙ୍କଡ ,କାଙ୍କଡ,କଙ୍କଡା ,ଶଙ୍କର ,ଅଙ୍କୁର
ଣ୍ଡ-ହାଣ୍ଡି ,ଦଣ୍ଡି ,ଖଣ୍ଡି ,ଏଣ୍ଡୁରି ,ମଣ୍ଡିଆ ,ମଣ୍ଡାପିଠା
ଣ୍ଢ-ଶୁଣ୍ଢ ,କୁଣ୍ଢ ,ଷଣ୍ଢା ,ଷଣ୍ଢ ,ମେଣ୍ଢା ,କଣ୍ଢେଇ

EDUCATIONAL GROUP

# ଗୃହକର୍ମ

**ଅଭ୍ୟାସ -୯ କୁ ଖାତାରେ କର ।**



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ  ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow